# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



# ମଣ୍ଡଳିରେ ପ୍ରଳୟ ଉପସ୍ଥିତ ହେଲା


ଲେଖକ: Edward Hughes

ଦୃଷ୍ଟାନ୍ତ: Janie Forest

ଅନୁବାଦକ: Prasanta Bhuyan

ଉପ୍ସଯୋଜକ: Ruth Klassen


କାହାଣି ୬୦ ରୁ ୫୬


**www.M1914.org**

***Bible for Children,*** *PO Box 3, Winnipeg, MB R3C 2G1 Canada*



ଅନୁମତି ସ୍ତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପ୍ସଣଙ୍କର ଅଧୀକାର ଅଛି,·
ଯେଉଁ ପ୍ସର୍ଯନ୍ତ ଆପ୍ସଣ ଏହାକୁ ବିକ୍ରୀ କରନ୍ତି ନାହିଁ ।


ଓଡ଼ିଆ

Oriya

ଈଶ୍ୱରଙ୍କ ପୁତ୍ର ଯୀଶୁଙ୍କ ପୁନରୁଥାନର ପଞ୍ଚାଶ ଦିନ ପରେ, ସେହି ପବିତ୍ର ଆତ୍ମା ତାଙ୍କ ଶିଶ୍ୟମାନଙ୍କ ସହିତ ରହିବାକୁ ଆସିଲା । ଅଥବା ଶିଶ୍ୟମାନେ ପିତା ଈଶ୍ୱର ପୁତ୍ର ଈଶ୍ୱର (ଯୀଶୁ) ଏବଂ ପବତ୍ର ଆତ୍ମା ପରମେଶ୍ୱର ସେ ସମସ୍ତେ କିପରି ଏକ ଅଟନ୍ତି, ସେମାନେ ପରମେଶ୍ୱରଙ୍କୁ ସେମାନଙ୍କ ସହିତରେ ପାଇ ଆନନ୍ଦିତ ଥିଲେ । ସଦାପ୍ରଭୁ ମହତ୍ ବିଷୟ ଗୁଡ଼ିକ ଦ୍ୱାରା ଅନ୍ୟମାନଙ୍କୁ ଯୀଶୁଙ୍କ ବିଷୟ କହିବାରେ ଶିଶ୍ୟମାନଙ୍କୁ ସାହାଯ୍ୟ କଲେ ।





ଲୋକମାନେ ଯେଉଁମାନେ ଯୀଶୁଙ୍କ ଉପରେ
ବିଶ୍ୱାସ କଲେ ସେମାନେ ନିଜର ସମସ୍ତ ସଂପତ୍ତି
ସର୍ବସାଧାରଣରେ ବାଣ୍ଟିଲେ ଯାହାଦ୍ୱାରା ଗରିବ
ଲୋକମାନଙ୍କୁ ଯତ୍ନ କରାଯାଇ ପାରିବ ।
କିନ୍ତୁ ଗୋଟିଏ ପରିବାରର
ସ୍ୱାମୀ ସ୍ତ୍ରୀ ଦୁହେଁ
ହନନୀୟ ଓ
ସଫିରା
ବେଇମାନ୍
ଥିଲେ ।




ସେମାନେ କିଛି ଜମି ବିକ୍ରୟ କରି ତହିଁର ସମସ୍ତ ମୂଲ୍ୟ ପ୍ରେରିତମାନଙ୍କ ନିକଟକୁ ଆଣିଥିବା ଅଭିନୟ କଲେ । ଗୁପ୍ତ ଭାବରେ ସେମାନେ କିଛି ଅଂଶ ନିଜପାଇଁ ଲୁଚାଇ ରଖିଲେ ।
3
ପବିତ୍ର ଆତ୍ମାଙ୍କ ନିକଟରେ ମିଥ୍ୟା କହିବାକୁ ଶୟତାନ କାହିଁକି ତୁମ୍ଭ ହୃଦୟ ସଂପୂର୍ଣ୍ଣ ଅଧିକାର କରିଅଛି ..., ପିତର ହନନୀୟଙ୍କୁ କହିଲେ । ତୁମ୍ଭେ ଯେ ମନୁଷ୍ୟ ନିକଟରେ ମିଥ୍ୟା କହିଲ ତାହା ନୁହେଁ ମାତ୍ର ଇଶ୍ୱରଙ୍କ ନିକଟରେ ମିଥ୍ୟା କହିଲ ।
4
ତାହାପରେ ହନନୀୟ କଚାଡ଼ି ହୋଇ ପଡ଼ି ପ୍ରାଣତ୍ୟାଗ କଲା । ଆଉ ଯୁବକମାନେ ଉଠି ତାହାକୁ ଲୁଗାରେ ଗୁଡ଼ାଇ ବାହାରକୁ ଘେନଯାଇ ସମାଧି ଦେଲେ ।
5
କିଛି ସମୟ ପରେ, ସଫିରା ଆସିଲା, କିନ୍ତୁ ତାଙ୍କ ସ୍ୱାମି ଯେ ମୃତ ତାହା ସେ ଜାଣି ନ ଥିଲା । ସେ ମଧ୍ୟ ଟଙ୍କା ବିଷୟରେ ମିଥ୍ୟା କହିଲା ଏବଂ ତାଙ୍କ ନିମନ୍ତେ ମଧ୍ୟ ସେହିପରି ହେଲା । ସେଥିରେ ଯେତେଲୋକ ଏହା ଶୁଣିଲେ ସମସ୍ତେ ଅତିଶୟ ଭୟଭିତ ହେଲେ ।
6
ପବିତ୍ର ଆତ୍ମା ପରମେଶ୍ୱର ପ୍ରେରିତମାନଙ୍କ ଦ୍ୱାରା ଅନେକ ମହତ୍ କାର୍ଯ୍ୟ ସାଧନ କଲେ । ଉଦାହରଣରେ, ପିତରଙ୍କ ଛାୟା ରୋଗି ମାନଙ୍କ ଉପରେ ପଡ଼ିଲେ ସେମାନେ ସୁସ୍ଥତା ପାଇଲେ ।
7
ଏହା ଏକ ସମୟ ଯେତେବେଳେ ମହା ଆଶ୍ଚର୍ଯ୍ୟ କର୍ମମାନ ଦେଖାଗଲା, ଯାହା ଇଶ୍ୱରଙ୍କ ଉପସ୍ଥିତ ବର୍ଣ୍ଣନା କଲା । ଅଧିକରୁ ଅଧିକ ଲୋକ ଯୀଶୁଙ୍କ ଉପରେ ବିଶ୍ୱାସ କଲେ ।
8

ଏହା ମହାଯାଜକଙ୍କୁ
କ୍ରୋଧିତ କଲା ସେ
ପ୍ରେରତ ମାନଙ୍କୁ
ଧରି କାରାଗାରରେ
ରଖିଲେ !



9



କିନ୍ତୁ ରାତ୍ରୀକାଳରେ ପ୍ରଭୁଙ୍କର
ଜଣେ ଦୂତ କାରାଗାରର
ଦ୍ୱାରସବୁ ଫିଟାଇ ଦେଇ
ସେମାନଙ୍କୁ ବାହାରକୁ ଆଣି
କହିଲେ, ଯାଅ, ମନ୍ଦିରରେ ଠିଆହୋଇ ଲୋକମାନଙ୍କୁ ଏହି ଜୀବନ ସମ୍ବନ୍ଧୀୟ କଥା କୁହ ।
ପ୍ରେରତମାନେ ବାହାରକୁ ଯାଇ ଯୀଶୁଙ୍କ ବିଷୟରେ ଶିକ୍ଷା ଦେବାକୁ ଲାଗିଲେ । ପ୍ରଭାତ
ସମୟରେ ମହାଯାଜକଙ୍କ ଦାସମାନେ ଆସି କାରାଗାରକୁ ଶୁନ୍ୟ ଦେଖିଲେ ।

10

ଯେତେବେଳେ ସେ ସେମାନଙ୍କୁ ପାଇଲେ, ମହାଯାଜକ ପ୍ରେରିତମାନଙ୍କୁ ପଚାରିଲେ, ଆମ୍ଭେ କି ତୁମ୍ଭମାନଙ୍କୁ ଏହି ନାମରେ ଶିକ୍ଷା ଦେବାରେ ଅତି ଦୃଢ଼ରୁପେ ନିଷେଧ କରିନଥିଲୁ । ପିତର ଓ ଅନ୍ୟ ପ୍ରେରିତମାନେ କହିଲେ, ଆମ୍ଭେ ମନୁଷ୍ୟମାନଙ୍କର ଆଜ୍ଞା ଅପେକ୍ଷା ବରଂ ଈଶ୍ୱରଙ୍କ ଆଜ୍ଞା ପାଳନ କରିବା କର୍ତ୍ତବ୍ୟ ।



11

ମହାଯାଜକ ପ୍ରଚଣ୍ଡ କ୍ରୋଧ କଲେ, ସେ ପ୍ରେରିତମାନଙ୍କୁ ବଧ କରିବାକୁ ଉଦ୍ୟତ ହେଲେ । ତାହା ବଦଳରେ ସେ ସେମାନଙ୍କୁ ପ୍ରହାର କଲେ ଓ ଛାଡ଼ିଦେଲେ । ସେମାନଙ୍କର ବ୍ୟଥା ସତ୍ତ୍ୱେ, ପ୍ରେରିତମାନେ ସଦାପ୍ରଭୁଙ୍କ ବାଧ୍ୟ ହେଲେ ଏବଂ ସୁସମାଚାର ପ୍ରଚାର କରିବାରେ କ୍ଷାନ୍ତ ହେଲେ ନାହିଁ ।



12

ଦିନକରେ, ଏକ ଲୋକ ଯାହାକୁ ଷ୍ଡିଫାନ କୁହାଯାଉଥିଲା ସେମାନେ ତାହାଙ୍କୁ ଧରିଲେ । ଷ୍ଡିଫାନ ଯୀଶୁଙ୍କୁ ଭୟ କରୁଥିଲେ । ଅନ୍ୟମାନଙ୍କୁ ଯୀଶୁଙ୍କ ବିଷୟରେ କହିବାକୁ ପବିତ୍ର ଆତ୍ମା ତାହାଙ୍କୁ ବ୍ୟବହାର କଲା । କେତେ ଲୋକ ମିଥ୍ୟା କହିଲେ, ଏହି ଲୋକଟା ଏହି ପବିତ୍ର ସ୍ଥାନ ବିଷୟରେ କହିବାକୁ କ୍ଷାନ୍ତ ହେଉନାହିଁ ।



13

ପରିହାସାତ୍ମକ ବିଚାର ପରେ, ଷ୍ଡିଫାନଙ୍କ ବିଶ୍ୱାସ ଯୀଶୁଙ୍କ ଉପରେ ଥିବାହେତୁ ସେମାନେ ତାଙ୍କୁ ପ୍ରସ୍ତରାଘାତ କରି ବଧ କଲେ ।



14

ତାଙ୍କ ମୃତୁ ପୂର୍ବରୁ, ଷ୍ତିଫାନ, ପବିତ୍ର ଆତ୍ମାରେ
ପୂର୍ଣ୍ଣହୋଇ, ସ୍ୱର୍ଗପ୍ରତି ସ୍ଥିର ଦୃଷ୍ଟିରେ ଚ଼ାହିଁଲେ
ଆଉ ଇଶ୍ୱରଙ୍କ ସହିମା ଓ ଯୀଶୁଙ୍କୁ
ଇଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ଠିଆ
ହୋଇଥିବା ଦେଖି କହିଲେ,
ଯେତେବେଳେ ସେମାନେ
ଷ୍ତିଫାନଙ୍କୁ ପଥର
ଫୋପାଡ଼ି ମାରୁଥିଲେ
ସେତେବେଳେ ସେ
ପ୍ରାର୍ଥନା କରି କହିଲେ
ହେ ପ୍ରଭୁଯୀଶୁ ମୋର
ଆତ୍ମା ଗ୍ରହଣ କର ।



15

ତାହା ପରେ, ଯୀଶୁ ଯେପରି କ୍ରୁଶରେ ଥିବା
ସମୟରେ, ସେହିପରି ସେହି ସାହସୀ
ଲୋକ ନିଜର ଶେଷ ସମୟରେ
ନିଜ ଶତୃମାନଙ୍କ ନିମନ୍ତେ
ପ୍ରାର୍ଥନା କଲେ ଯେପରି
ଇଶ୍ୱର ସେମାନଙ୍କର
ପାପ କ୍ଷମା କରିବେ ।



16

ଷ୍ତିଫାନଙ୍କ ମୃତ୍ୟୁ ସହିତ ମଣ୍ଡଳୀ ପ୍ରତି ଅତିଶୟ ତାଡ଼ନା ଘଟିଲା । ଏକ ଶାଉଲ ନାମର ଯୁବକ ଷ୍ତିଫାମଙ୍କ ହତ୍ୟାକାରୀ ମାନଙ୍କୁ ସହାଯ୍ୟ କଲେ, ସେମାନେ ଘରେ ଘରେ ପଶି ସମସ୍ତ ବିଶ୍ୱାସି ମାନଙ୍କୁ ଟାଣିଆଣିଲେ । ଅନେକେ ସେମାନଙ୍କ ଗୃହରୁ ପଳାୟନ କଲେ ଓ ଛିନ୍ନ ଭିନ୍ନ ହେଲେ ସମରିଆ ଓ ଯିହୁଦା ପ୍ରଦେଶକୁ ପଳାୟନ କଲେ । କେବଳ ପ୍ରେରିତମାନେ ଯିରୁଶାଲମରେ ରହିଲେ ।



17

ସେମାନଙ୍କ ଶତୃମାନେ ସେମାନଙ୍କୁ ବଧ କରିବାକୁ ଚ଼େଷ୍ଟା କଲେ ସୁଧା, ଯେଉଁମାନେ ଛିନ୍ନ ଭିନ୍ନ ହୋଇଥିଲେ ସେମାନେ ଚ଼ତୁର୍ଦ୍ଦିଗରେ ଭ୍ରମଣ କରୁ କରୁ ଯୀଶୁଙ୍କ ବିଷୟରେ ପ୍ରଚ଼ାର କଲେ । ପବିତ୍ର ଆତ୍ମାଙ୍କ ଚ଼ାଳନା ହେତୁ କେହିମଧ୍ୟ ସେମାନଙ୍କୁ
ବାଧା ଦେଇ ପାରିଲେ ନାହିଁ ।



18

ମଣ୍ଡଳିରେ ପ୍ରଳୟ ଉପସ୍ଥିତ ହେଲା

**ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ**

**ରୁ ଅନୁସନ୍ଧାନ କରାଯାଇଅଛି**

ପ୍ରେରିତ ୫-୭

**"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"**
**ଗୀତସଂହିତା ୧୧୯ : ୧୩୦**

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଆଉ ତାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ ।

ଇଶ୍ୱର ଆମ୍ଭମାନଙ୍କୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଙ୍କୁ ଆମ୍ଭମାନଙ୍କର ପାପ ସକାଶୁ କ୍ରୁଶ ଉପରେ ମୃତ୍ୟୁବରଣ କରିବାକୁ ପଠାଇଲେ । ଯୀଶୁ ପୁନର୍ବାର ଜୀବନ କୁ ଫେରିଲେ, ଆଉ ସେ ସ୍ୱର୍ଗ ଆରୋହନ କଲେ ବର୍ତ୍ତମାନ୍ ଅନନ୍ତର ପରମେଶ୍ୱର ଆମ୍ଭମାନଙ୍କର ପାପକ୍ଷମା କରି ପାରିବେ ।

ଯଦି ତୁମ୍ଭେ ତୁମ୍ଭ ପାପରୁ ଫେରିବାକୁ ଚ଼ାହଁ, ତେବେ ଏହା ଇଶ୍ୱରଙ୍କୁ କୁହନ୍ତୁ: ପ୍ରିୟର ଇଶ୍ୱର ମୁ ବିଶ୍ୱାସ କରେ ଯୀଶୁଖ୍ରୀଷ୍ଟ ମୋ ନିମନ୍ତେ ମୃତ୍ୟୁଭୋଗ କଲେ, ବର୍ତ୍ତମାନ ସେ ଜୀବିତ ଅଟନ୍ତି । ଦୟାକରି ମୋର ପାପସବୁ କ୍ଷମା କର ଏବଂ ମୋ ଜୀବନକୁ ଆସ, ତଦ୍ୱାରା ବର୍ତ୍ତମାନ୍ ଠାରୁ ମୁଁ ଏକ ନୂତନ ଜୀବନ ପ୍ରାପ୍ତ ହୋଇ ତୁମ୍ଭଠାରେ ଚ଼ିରକାଳ ସ୍ଥାୟୀ ହେବି । ତୁମ୍ଭର ସନ୍ତାନ ହୋଇ ତୁମ୍ଭଠାରେ ବାସକରିବା ପାଇଁ ମୋତେ ସାହାଯ୍ୟ କରନ୍ତୁ । ଆମେନ୍ (ଯୋହନ ୩:୧୬)

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।